OSS-101
ଓ.ଏସ୍.ଏସ୍.-୧୦୧

# ସ୍ନାତକ ପ୍ରସ୍ତୁତି କାର୍ଯ୍ୟକ୍ରମ
(ବିପିପି)

## ଆସାଇନମେଣ୍ଟ (ପ୍ରଦତ୍ତ କାର୍ଯ୍ୟ)
## ୨୦୧୭

ସାମାଜିକ ବିଜ୍ଞାନ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ
(କୋର୍ସକୋଡ : ଓ.ଏସ୍.ଏସ୍.-୧୦୧)

ignou
THE PEOPLE'S
UNIVERSITY

ସାମାଜିକ ବିଜ୍ଞାନ ବିଦ୍ୟାପୀଠ
ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ
ମଇଦାନ ଗଡି,ନୂଆଦିଲ୍ଲୀ-୧୧୦୦୬୮

# ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ)

**Programme Code : BPP**
**Course Code : OSS-101**
**Assignment Code: OSS-101/Asst/TMA/2017**
ପୂର୍ଣ୍ଣ ସଂଖ୍ୟା-୧୦୦

ପ୍ରିୟ ଶିକ୍ଷାର୍ଥୀ

ଆପଣଙ୍କୁ ସାମାଜିକ ବିଜ୍ଞାନ ପାଇଁ ପ୍ରସ୍ତୁତି ପାଠ୍ୟକ୍ରମରେ ଓ.ଏସ୍.ଏସ୍.-୧୦୧ ପାଇଁ ଗୋଟିଏ ମାତ୍ର ପ୍ରଦତ୍ତ କାର୍ଯ୍ୟ ଉତ୍ତର ଦାଖଲ କରିବା ପାଇଁ ପଡିବ । ଆସାଇମେଣ୍ଟର ପୂର୍ଣ୍ଣ ସଂଖ୍ୟା ୧୦୦ମାର୍କ ଏବଂ ଏହା ଦୁଇଟି ବିଭାଗରେ ବିଭକ୍ତ । ବିଭାଗ-୧ଟି ୫୦ମାର୍କ ବିଶିଷ୍ଟ ଏବଂ ସେଥିରେ ଥିବା ପ୍ରଶ୍ନଗୁଡିକର ଉତ୍ତର ପ୍ରତ୍ୟେକ ପାଖାପାଖି ୨୦୦ଶବ୍ଦ ମଧ୍ୟରେ ଲେଖିବାକୁ ହେବ । ପ୍ରଶ୍ନଗୁଡିକର ଉତ୍ତର ନିଜ ଭାଷାରେ ଲେଖିବା ଜରୁରୀ । ବିଭାଗ-୨ର ପୂର୍ଣ୍ଣ ସଂଖ୍ୟା ୫୦ ଏବଂ ଏଥିରେ ଥିବା ପ୍ରଶ୍ନଗୁଡିକର ଏକାଧିକ ସାମ୍ଭାବ୍ୟ ଉତ୍ତର ଦିଆଯାଇଛି ।

ପ୍ରଶ୍ନପତ୍ରଟିର ଉତ୍ତର ଲେଖିବା ପୂର୍ବରୁ ଓ.ଏସ୍.ଏସ୍. ୧୦୧ର ପାଠ୍ୟପୁସ୍ତକଟିକୁ ଭଲଭାବରେ ଅଧ୍ୟୟନ କରିନିଅନ୍ତୁ ।

**ଦାଖଲ କରିବାର ସମୟ ସୂଚୀ**

ଉତ୍ତର ଦିଆଯାଇଥିବା ଆସାଇନ୍‌ମେଣ୍ଟଗୁଡିକୁ ନିମ୍ନରେ ସୂଚିତ ହୋଇଥିବା ସମୟସୀମା ଏବଂ ବ୍ୟକ୍ତିଙ୍କଠାରେ ଦାଖଲ କରିବାକୁ ପଡିବ ।

| ନାମଲେଖା ଶିକ୍ଷାବର୍ଷ | ଦାଖଲ ଶେଷ ତାରିଖ | କେଉଁଠିକୁ ପଠାଇବେ |
|---|---|---|
| ଜାନୁୟାରୀ ୨୦୧୭ ଶିକ୍ଷାବର୍ଷ ପାଇଁ ନାମଲେଖାଇଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ | ୩୧ମାର୍ଚ୍ଚ ୨୦୧୭ | ଆପଣଙ୍କ ଅଧ୍ୟୟନ କେନ୍ଦ୍ରର ସଂଯୋଜକଙ୍କ ପାଖକୁ (ଅନ୍ୟ କାହାରି ପାଖକୁ ଏହା ପଠାଇବା ଅନୁଚିତ୍) |
| ଜୁଲାଇ ୨୦୧୭ ଶିକ୍ଷାବର୍ଷ ପାଇଁ ନାମ ଲେଖାଯାଇଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ | ୩୦ ସେପ୍ଟେମ୍ବର ୨୦୧୭ | |

## ବିଭାଗ-୧

ପୂର୍ଣ୍ଣସଂଖ୍ୟା -୫୦

ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦୦ ଶବ୍ଦରେ ଲେଖନ୍ତୁ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧୦ମାର୍କ ।

୧. ଆଞ୍ଚଳିକତା ବାଦ କ'ଣ ? ଭାରତରେ ଆଞ୍ଚଳିକତାବାଦ ସୃଷ୍ଟି ନିମନ୍ତେ ପ୍ରମୁଖ ଅର୍ଥନୈତିକ କାରଣଗୁଡିକର ତାଲିକା ପ୍ରଦାନ କରନ୍ତୁ । (୧୦)

୨. ସମାଜ ବିଜ୍ଞାନ ବିଶାରଦମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଗୁରୁତ୍ୱପର୍ଣ୍ଣ ସହାୟକ ତଥ୍ୟ (Secondary Data) ଗୁଡିକର ଉତ୍ସମାନ କ'ଣ ? (୧୦)

୩. ସମାଜରେ ଅବହେଳିତ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ନାଗରିକ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରନ୍ତୁ । (୧୦)

୪. ମନୁଷ୍ୟର ଆବଶ୍ୟକତା ଏବଂ ସାମାଜିକ ବିକାଶ ପ୍ରକ୍ରିୟା ଅଧ୍ୟୟନ କ୍ଷେତ୍ରରେ ସମାଜ ବିଜ୍ଞାନଗୁଡିକର ପ୍ରାସଙ୍ଗିକତା ଉପରେ ଆଲୋକପାତ କରନ୍ତୁ । (୧୦)

## ବିଭାଗ-୨

**ଟିପ୍ପଣୀ** **ପୂର୍ଣ୍ଣସଂଖ୍ୟା-୫୦**

(କ) ଏହି ବିଭାଗରେ ୨୫ଟି ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ମାର୍କ । ପ୍ରତ୍ୟେକ ପ୍ରଶ୍ନ ବାଧ୍ୟତାମୂଳକ ।

(ଖ) ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ରହିଛି । ସେଥିମଧ୍ୟରୁ କେବଳ ଗୋଟିଏ ଉତ୍ତର ଠିକ୍ । ସଠିକ୍ ଉତ୍ତରକୁ ଚୟନ କରନ୍ତୁ ।

୧. ନାଗରିକ ସମାଜର ଭୂମିକା ____________________ ଅଟେ ।

(କ) ସମାଜର ଅବହେଳିତ ଜନସାଧାରଣଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ।

(ଖ) ସରକାରଙ୍କୁ ବିତ୍ତଶାଳୀ ଗୋଷ୍ଠୀଙ୍କ ନିମନ୍ତେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସହାୟତା ।

(ଗ) ବୈଦେଶିକ ବାଣିଜ୍ୟ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଭୂମିକାକୁ ଦୃଷ୍ଟିଗୋଚରକୁ ଆଣିବା ।

(ଘ) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

୨. ସର୍ବ ନିମ୍ନ ଆବଶ୍ୟକତା ପୂରଣ କରିବା କାର୍ଯ୍ୟକ୍ରମର (ଏମ୍.ଏନ୍.ପି) ନିମ୍ନୋକ୍ତ ମଧ୍ୟରୁ କେଉଁଗୋଟିକ ଅଂଶବିଶେଷ ?

(କ) ସାଧାରଣ ଉତ୍ପାଦନ ବ୍ୟବସ୍ଥା

(ଖ) ସାଧାରଣ ବଣ୍ଟନ ବ୍ୟବସ୍ଥା

(ଗ) ସାଧାରଣ ଉପଭୋଗ (Consumption) ବ୍ୟବସ୍ଥା

(ଘ) ସାଧାରଣ-ସହଭାଗୀତା ବ୍ୟବସ୍ଥା

୩. ନିରନ୍ତର ବିକାଶ (Sustainable Development) ପ୍ରୟାସର ସଂଜ୍ଞା ହେଉଛି ________________ ।

(କ) ଭବିଷ୍ୟତ ବଂଶଧରମାନଙ୍କର ନିଜ ଆବଶ୍ୟକତା ପୂରଣ କ୍ଷମତା ସଙ୍କୁଚିତ ନକରି ବର୍ତ୍ତମାନର ବଂଶଧରମାନଙ୍କର ନିଜ ଆବଶ୍ୟକତା ପୂରଣ କରିବା ।

(ଖ) ବର୍ତ୍ତମାନର ବଂଶଧରମାନଙ୍କର ନିଜ ଆବଶ୍ୟକତା ପୂରଣର କ୍ଷମତା ସଙ୍କୁଚିତ ନକରି ଭବିଷ୍ୟତ ବଂଶଧରମାନଙ୍କର ଆବଶ୍ୟକତା ପୂରଣ କରିବା ।

(ଗ) ଭବିଷ୍ୟତ ବଂଶଧରମାନଙ୍କର ନିଜ ଆବଶ୍ୟକତା ପୂରଣର କ୍ଷମତା ସଙ୍କୁଚିତ କରି ବର୍ତ୍ତମାନ ବଂଶଧରମାନଙ୍କର ଆବଶ୍ୟକତା ପୂରଣ କରିବା ।

(ଘ) ଭବିଶ୍ୟତ ବଂଶଧରମାନଙ୍କର ନିଜର ଆବଶ୍ୟକତା ପୂରଣ ପାଇଁ ବର୍ତ୍ତମାନେରେ ବଂଶଧରମାନଙ୍କର ନିଜ ଆବଶ୍ୟକତା ପୂରଣ କ୍ଷମତା ସଙ୍କୁଚିତ କରିବା ।

୪. ଜାତି ହେଉଛି ________________

(କ) ଲିଙ୍ଗ ଭିତ୍ତିକ ବର୍ଗ / ଶ୍ରେଣୀ

(ଖ) ବର୍ଣ୍ଣ ଭିତ୍ତିକ ବର୍ଗ / ଶ୍ରେଣୀ

(ଗ) ପ୍ରଶାସନ ଭିତ୍ତିକ ବର୍ଗ / ଶ୍ରେଣୀ

(ଘ) ବୃତ୍ତି ଭିତ୍ତିକ ବର୍ଗ / ଶ୍ରେଣୀ

୫. ଭାରତର ସମ୍ବିଧାନ କେଉଁ ଧାରା ମାଧ୍ୟମରେ ଅସ୍ପୃଶ୍ୟତାକୁ ନିବାରଣ ବା ନିଷେଧ କରାଯାଇଛି ?

(କ) ଧାରା-୧୭

(ଖ) ଧାରା-୧୬

(ଗ) ଧାରା-୧୫

(ଘ) ଧାରା-୧୪